**CSM – 1/16**

**Odia Language**

*Time : 3 hours*

*Full Marks : 300*

*The figures in the right-hand margin indicate marks.*

*Candidates should attempt **all** questions.*

*Answer must be written in **Odia**.*

1. ନିମ୍ନଲିଖିତ ଯେକୌଣସି ଗୋଟିଏ ବିଷୟରେ ପ୍ରାୟ ଏକ ହଜାର ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 100

   (କ) ସ୍ୱଚ୍ଛତା କେବଳ ସ୍ୱାସ୍ଥ୍ୟ ନିମିତ୍ତ ନୁହେଁ, ଏହା ମଧ୍ୟ ଏକ ଜାତୀୟ ଆବଶ୍ୟକତା

   (ଖ) ସଂଖ୍ୟାଲଘୁଙ୍କ ନିମିତ୍ତ ଯୋଜନା — ଏକ ଭୋଟ୍ ରାଜନୀତି

   (ଗ) ବ୍ୟକ୍ତିତ୍ୱ ଗଠନରେ ବିଦ୍ୟାଳୟର ଭୂମିକା

   (ଘ) ପରିବେଶ ସୁରକ୍ଷା

   (ଙ) ଭାଷା ଓ ସାହିତ୍ୟର ବିକାଶରେ ମାନବ ଜାତିର ଯଥାର୍ଥ କଲ୍ୟାଣ

2. ନିମ୍ନଲିଖିତ ଯେକୌଣସି ପାଞ୍ଚୋଟି ରଢିକୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟ ମଧ୍ୟରେ ପ୍ରୟୋଗ କର : 15

   (କ) ଉଷୁନା ଧାନ ଗଜାହେବା

   (ଖ) ବାପ ରାଣ ଢିଙ୍କି ଗିଳ

(ଗ) ବାହାଘର ବେଳେ ବାଇଗଣ ରୁଆ

(ଘ) ଭାଲୁ ଲାଞ୍ଜ ଧରିବା

(ଙ) ତିଳକୁ ତାଳ କରିବା

(ଚ) ତିନି ତୁଣ୍ଡରେ ଛେଳି କୁକୁର

(ଛ) ବିଲେଇ ଆଖି ବୁଜି କ୍ଷୀର ପିଉଛି

3. ନିମ୍ନଲିଖିତ ବିଶେଷୋକ୍ତିଗୁଡ଼ିକରୁ ଯେକୌଣସି **ଦୁଇଟି** ବିଷୟରେ ଅନ୍ୟୁନ ଏକ ଶହ ଶବ୍ଦ ମଧ୍ୟରେ ବ୍ୟାଖ୍ୟା ଲେଖ : 20

(କ) କୋକ ମୁହଁରେ ଲୁଣ

(ଖ) କଂସାରି ଘରର ପାରା

(ଗ) ମାଗି ଆଣିଲା ତିଅଣ ସୁଡୁକାଏ

(ଘ) ଆପଣା ସୁନା ଭେଣ୍ଡି

4. ନିମ୍ନଲିଖିତ ଯେକୌଣସି **ପାଞ୍ଚୋଟିକୁ** ଏକପଦରେ ପ୍ରକାଶ କରି ବାକ୍ୟରେ ବ୍ୟବହାର କର : 15

(କ) ପାଦଠାରୁ ମସ୍ତକ ପର୍ଯ୍ୟନ୍ତ

(ଖ) କାଚ ବିକିବା ବ୍ୟବସାୟ ଯାହାର

(ଗ) ଜାଣିବାର ଇଚ୍ଛା

(ଘ) ଇନ୍ଦ୍ରକୁ ଜୟ କରିଛି ଯେ

(ଙ) ବିଶ୍ରବାଙ୍କର ପୁତ୍ର

(ଚ) ଧନୁ ଧାରଣ କରେ ଯେ

(ଛ) ଯେ ପରିଣାମ ଚିନ୍ତା ନକରି କାର୍ଯ୍ୟକରେ

5. (କ) ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ ଚାରୋଟିର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 10

(i) ଚୁଡ଼ା – ଚୂଡ଼ା

(ii) ସମ – ଶମ

(iii) ତରଣି – ତରଣୀ

(iv) ସାପ – ଶାପ

(v) ସୂଚୀ – ଶୁଚି

(vi) ସୁଧା – ସୁଦ୍ଧା

(ଖ) ନିମ୍ନଲିଖିତ ଯେକୌଣସି ଚାରୋଟିର ଶୁଦ୍ଧ ରୂପ ଲେଖି ବାକ୍ୟ ଗଠନ କର : 10

(i) ସର୍ବଜନୀନ

(ii) ଦୁରାବସ୍ଥା

(iii) ସମୀଚିନ

(iv) ଦିଗାମ୍ବର

(v) ସୌଜନ୍ୟତା

(vi) ବିସମ

6. (କ) ନିମ୍ନଲିଖିତ ଯେକୌଣସି **ଚାରୋଟିର** ବିପରୀତ ଅର୍ଥବୋଧକ ଶବ୍ଦ ଲେଖି ବାକ୍ୟ ଗଠନ କର : 10

(i) ଉକ୍ତ

(ii) ଉପମା

(iii) ଦେବୀ

(iv) ଇଷ୍ଟ

(v) ଜ୍ୟେଷ୍ଠ

(vi) ପରିଣାମ

(ଖ) ନିମ୍ନଲିଖିତ ଯେକୌଣସି **ଚାରୋଟି** ଶବ୍ଦର ଗୋଟିଏ ଲେଖାଁ ସମାର୍ଥବୋଧକ ଶବ୍ଦ ଲେଖି ବାକ୍ୟରେ ପ୍ରକାଶ କର : 10

(i) ପଦ୍ମ

(ii) ନଦୀ

(iii) ସୂର୍ଯ୍ୟ

(iv) ଯୁଦ୍ଧ

(v) ହାତୀ

(vi) ପର୍ବତ

7. ନିମ୍ନଲିଖିତ ଯୁଗ୍ମ ଶବ୍ଦ ମଧ୍ୟରୁ ଯେକୌଣସି **ପାଞ୍ଚୋଟି** ପ୍ରୟୋଗ କରି ବାକ୍ୟ ଗଠନ କର : 10

(କ) ଅଳିଅର୍ଦ୍ଦଳି

(ଖ) ଝଗଡ଼ାଝାଣ୍ଟି

(ଗ) ଶୁନ୍‌ଶାନ୍

(ଘ) କାଷ୍ଠକାରଖାନା

(ଙ) ଗହଣାଗାଣ୍ଠି

(ଚ) ଗଛବୃଛ

(ଛ) ଗାଁଗଣ୍ଡା

୪. ନିମ୍ନ ପରିଚ୍ଛେଦଟିକୁ ଯତ୍ନ ସହକାରେ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ : 30

ଏହି କଥାଗୁଡ଼ିକର ସାରମର୍ମ ହେଉଛି ଯେ ଅନୁଶାସନ ରହିବା ଭଲ କି ଅନୁଶାସନ ଉଠିଯିବା ଭଲ, ସେଇଟା ସବୁଠାରୁ ବଡ଼ ପ୍ରଶ୍ନ ନୁହେଁ । ଆପେ ଅନୁଶାସନ ମାନି ଚଳିବା ବା ଅନୁଶାସନ ମାନି ଚଳିବା ଲାଗି ଆଉ କାହାକୁ ବାଧ୍ୟ କରିବା ଯେକୌଣସି ପରିସ୍ଥିତିରେ ଅବଶ୍ୟ ଲାଭପୂର୍ଣ୍ଣ କହିହେବନାହିଁ । ଭଲ ଅନୁଶାସନଗୁଡ଼ିକୁ ମଧ୍ୟ ଆପଣା ଉପରେ ବା ଆପଣାର ଅଧୀନସ୍ଥ ଆଉ କାହା ଉପରେ ନେଇ ଲଦି ଦେବା ଦ୍ୱାରା ଯେ ଆମେ ଜୀବନର ଯଥୋଚିତ ବିକାଶରେ ନିଶ୍ଚୟ ସହାୟତା କରିବା, ଏଇଟିକୁ ମଧ୍ୟ ସର୍ବତଃ ଏକ ସତ୍ୟ ବୋଲି କୁହାଯାଇପାରିବ ନାହିଁ । ଆମ ଅନୁଶାସନଗୁଡ଼ିକର ପଛରେ ଆମେ ଉପରଲିଖିତ ତିନୋଟି ଦୃଷ୍ଟିର ଯେଉଁଟିକୁ ଆମ ଜୀବନ ଦୃଷ୍ଟିରେ ପରିଣତ କରିପାରିଚୁ ଏବଂ ତାହାକୁ ହିଁ ସକଳ ଅନୁଶାସନର ଆଧାର କରି ରଖିଚୁ, ତାହାରି ଉପରେ ହିଁ ଆମ ଅନୁଶାସନଗୁଡ଼ିକର ସୁସ୍ଥତା

ବା ଅସୁସ୍ଥତା ମୂଳତଃ ନିର୍ଭର କରୁଚି । ଆଚାର ଆମ ଜୀବନକୁ ମୁକ୍ତ ଓ ବିକଶିତ କରିପାରେ, ମାତ୍ର ଜୀବନକୁ କଏଦୀ କରି ବି ରଖିପାରେ । ତେଣୁ ଆଚାରଗୁଡ଼ିକର ଧାରଣ ସ୍ତମ୍ଭ ସ୍ୱରୂପ, ସେଗୁଡ଼ିକ ପଛରେ ମଧ୍ୟ ଏକ ସୁସ୍ଥ ଦର୍ଶନ ରହିଥିବା ନିତାନ୍ତ ଆବଶ୍ୟକ । ଅନୁଶାସନ ପଛରେ ମଧ୍ୟ ଏକ ସୁସ୍ଥ ଦର୍ଶନ ରହିଥିବା ଦରକାର । ଆପଣା ଉପରେ ଅଧିରୂଢ଼ ରହିଥିବା ଦେବତାର ମାଧ୍ୟମରେ ହିଁ ବାହନ ଆପଣା ସିଦ୍ଧତାର ପ୍ରମାଣ ଦେଇପାରେ । ଆମ ଅନୁଶାସନ ଉପରେ ପ୍ରକୃତରେ କେଉଁ ଦେବତା ଅଧିରୂଢ଼ ରହିଛନ୍ତି ? ଆମେ କେଉଁ ଦେବତାଙ୍କର ଆରାଧନା ଓ ଅର୍ଚ୍ଚନା କରିବା, ଶ୍ୱେତାସୂତର ଉପନିଷଦରେ ଏହି ପ୍ରଶ୍ନଟି ବାରବାର ପଚରାଯାଉଚି ।

ଛାତ୍ରର ଇଚ୍ଛାଶକ୍ତିକୁ ଅଧିକ ତତ୍ପର ତଥା କ୍ରିୟାଶୀଳ କରିବା ଲାଗି ଛାତ୍ର ଲାଗି ସ୍ୱାଧୀନତା ଦରକାର, ସଂଯମ ଦରକାର । ଯାହାର ସ୍ୱାଧୀନତା ନାହିଁ, ତାହାର କୌଣସି ଇଚ୍ଛା ହିଁ ନାହିଁ । ସ୍ୱାଧୀନତା ଅର୍ଥାତ୍ ଆପେ ବାଛି ନେଇଥିବା ବାଟରେ ଆଗକୁ ଅର୍ଥାତ୍ ବିକାଶ ଆଡ଼କୁ ଯିବାର ସ୍ୱାଧୀନତା । ମାତ୍ର ଖାଲି ସ୍ୱାଧୀନତାରେ କାମ ଚଳିବ ନାହିଁ । ଆପଣା ବାଟରେ ଚାଲିବାର ସମ୍ଭାବନାଗୁଡ଼ିକୁ ଅଧିକ ସହଜ କରିପାରିବା ଲାଗି ପ୍ରତ୍ୟେକ ମନୁଷ୍ୟର ଜୀବନରେ ସଂଯମ ଲାଗି ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଥିବା ଉଚିତ୍ । କାରଣ ସ୍ୱାଧୀନତା ବନ୍ଧନହୀନତା ନୁହେଁ । ସଂଯମ ନଥିଲେ ଆମର ସ୍ୱାଧୀନତା କେବଳ ଏକ ନାସ୍ତିବାଚକ ଅନଧୀନତା ବା ଶୃଙ୍ଖଳାହୀନତାରେ ହିଁ ସୀମାବଦ୍ଧ ହୋଇ ରହିଥାଏ । କେବଳ କୌଣସି ବା କାହାରିଠାରୁ ସ୍ୱାଧୀନତା

ନୁହେଁ, କୌଣସି ଉଦ୍ଦେଶ୍ୟ ହାସଲ କରିବା ସକାଶେ ହିଁ ଆମର ସ୍ୱାଧୀନତା ଦରକାର, କୌଣସି ଲକ୍ଷ୍ୟ ଅଭିମୁଖରେ ଅଗ୍ରସର ହେବାଲାଗି ସ୍ୱାଧୀନତା ଦରକାର, ଏବଂ ଯେତେବେଳେ ମୁଁ ସମ୍ମୁଖସ୍ଥ କୌଣସି ଉଦ୍ଦେଶ୍ୟ ଲାଗି ବାଟ ଚାଲିବାକୁ ବା ବଞ୍ଚିବାକୁ ଇଚ୍ଛା କରିବି ସେତେବେଳେ ମୋର ବାଟ ଚାଲିବା ଓ ବଞ୍ଚିବାର ଦିଗଟି ମଧ୍ୟ ନିର୍ଣ୍ଣିତ ହୋଇଯିବ ଏବଂ ମୁଁ ଅତି ସ୍ୱାଭାବିକଭାବରେ ସଂଯମକୁ ମଧ୍ୟ ମୋ ସ୍ୱାଧୀନତାର ସହଚାରୀ ବା ସହଗାମୀ ରୂପେ ଗ୍ରହଣ କରିନେବି । ଛାତ୍ରର ଜୀବନରେ କୌଣସି ଏକ ଧ୍ୟେୟ ରହିଥିବା ଉଚିତ୍, କୌଣସି ଏକ ଧ୍ୟେୟର ଅନୁଧାବନ କରିବାଲାଗି ତା'ଭିତରେ ଏକ ସ୍ୱାଭାବିକ ଅନୁଶାସନର ଆବଶ୍ୟକତା ରହିଚି । ସେଥିଲାଗି ଶିକ୍ଷା ଭିତରେ ଅନୁଶାସନର ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଚି ।

ସ୍ୱାଧୀନତାର ସୀମା ରହିବା ଦରକାର, ସଂଯମ ବା ଅନୁଶାସନର ମଧ୍ୟ ସୀମା ରହିବା ଦରକାର । ସୀମାତିରିକ୍ତ ହୋଇଗଲେ ସ୍ୱାଧୀନତା ନାଶକାରକ ହୋଇପଡ଼େ, ସୀମାତିରିକ୍ତ ହୋଇଗଲେ ଅନୁଶାସନ ମଧ୍ୟ ବିକାଶର ବାଧକ ପରି କାର୍ଯ୍ୟ କରେ । ଆମ ଅନୁଶାସନ-ବ୍ୟବସ୍ଥାରେ ଛାତ୍ରକୁ ଦବାଇ କରି ରଖିବାର ଭାବନା ଯେତେ କମ୍ ରହିବ, ତାହା ସେତିକି ଭଲ ହେବ । ବିଶେଷତଃ ଛାତ୍ରମାନଙ୍କର ସଂବେଗମୟ ଜୀବନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନୁଶାସନମାନ ଆମ ପାଇଁ ଯେତେ ଫଳଦାୟକ ହୋଇଥାଉ ପଛକେ, ଛାତ୍ରମାନଙ୍କର ଏହାଦ୍ୱାରା କେବଳ କ୍ଷତି ହିଁ ହୋଇଥାଏ । ସଂବେଗଗୁଡ଼ିକର ବିରୋଧ କରି ଆମେ ବାହାରୁ ଦେଖିବାକୁ ସିନା ଛାତ୍ରକୁ ଶାନ୍ତ କରିଦେଉ,

ମାତ୍ର ତା' ମନର ଅସଲ ଓ ଅବଚେତନ ସ୍ତରରେ ଆମେ ଏପରି କରିବା ଦ୍ୱାରା ଘାତକ ଆଘାତ ପହୁଞ୍ଚାଇ ଥାଉ । ଏହାର ପରିଣାମ ସ୍ୱରୂପ ଆମ ଛାତ୍ରମାନେ ଭବିଷ୍ୟତରେ ହୁଏତ ଅତ୍ୟୁଗ୍ର ସ୍ୱଭାବର ହୋଇପଡ଼ନ୍ତି ବା ଭୀରୁ ବି ହୋଇପଡ଼ନ୍ତି । ଅନୁଶାସନ ଦ୍ୱାରା ଆମେ ନିଜର ଜ୍ୟେଷ୍ଠତା ବା ପ୍ରବରତାର ଫାଇଦା ଉଠାଇ ଛାତ୍ରକୁ ଦବାଇ ରଖିବାକୁ ଇଚ୍ଛା କରୁଚୁ ବୋଲି ଯେତେବେଳେ ଛାତ୍ର ଅନୁଭବ କରିବାକୁ ଆରମ୍ଭ କରେ, ସେତେବେଳେ ତା'ର ବିକାଶ କ୍ରମରେ ମଧ୍ୟ ଆମେ ଆଉ ତାହାର କୌଣସି ସହାୟତା ବି କରିପାରୁନାହିଁ । ମାତ୍ର ତା' ମନରେ ଆସେ ସଂସାର ତଥା ଜୀବନ ପ୍ରତି ଏକ ଜୁଗୁପ୍ସା ବା ବିରକ୍ତିର ଦୃଷ୍ଟିକୋଣ ସୃଷ୍ଟି କରିପକାଉ । ସେ ଦୃଢ଼ ସ୍ୱଭାବର ହୋଇଥିଲେ ଅନୁଶାସନ, ଅନୁଶାସକ ଏବଂ ସମଗ୍ରତଃ ସମାଜର ବିରୁଦ୍ଧରେ ବିଦ୍ରୋହ କରିବାକୁ ଆରମ୍ଭ କରେ ଏବଂ ନରମ ଓ ଦୁର୍ବଳ ସ୍ୱଭାବର ହୋଇଥିଲେ ସେ କପଟତାର ଆଚରଣ କରିବାକୁ ହିଁ ଜୀବନର ଏକ ବ୍ରତ ବୋଲି ଗ୍ରହଣ କରେ । ଏଠାରେ ଆମେ ସମସ୍ତେ ଏକମତ ହେବା ଯେ ଏହାଦ୍ୱାରା କାହାରି ଉଦ୍ଦେଶ୍ୟ ସିଦ୍ଧ ହୁଏନାହିଁ । ଏପରି ଆଚରଣକୁ ପ୍ରଶ୍ରୟ ଦେଉଥିବା ସମାଜରେ ସଂଯମ ବଢ଼େ ନାହିଁ, କେବଳ ଅଭିନୟପଟୁତା ହିଁ ବଢ଼ିବାରେ ଲାଗେ ।

ତେଣୁ ଆମର ଅନୁଶାସନ ମୂଳତଃ ନିରୋଧୀ ହେବା ଉଚିତ୍ ନୁହେଁ । ଆମେ ଯାହାକୁ ଅନୁଶାସନ ଭିତରେ ରଖିବାକୁ ଇଚ୍ଛା କରୁଚୁ, ଆମର ସକଳ ଅନୁଶାସନ ତାହାର ଆତ୍ମସଂଯମର ଶକ୍ତିକୁ ବଢ଼ାଇବାରେ ହିଁ ସହାୟକ ହେବା ଉଚିତ୍ । ଅନୁଶାସନର ଗତି ଅଧିକରୁ

ଅଧିକ ଶାସନଆଡ଼କୁ ନୁହେଁ, ମାତ୍ର ଆତ୍ମଶାସନଆଡ଼କୁ ହେବା ଉଚିତ୍ । କେବଳ ରୋକି ରଖିବା, କେବଳ ଶାସନ କରିବା ବା କେବଳ ଦବାଇ କରି ରଖିବା ଦ୍ୱାରା କଦାପି କାମ ଚଳିବ ନାହିଁ । ଅନୁଚିତ ଓ ଅନୁପାଦେୟ ମାର୍ଗ ଓ ଦିଗରୁ ଆପଣାକୁ ବଞ୍ଚାଇ ରଖିବା ସଙ୍ଗେ ସଙ୍ଗେ ଛାତ୍ରକୁ ଆପଣାର ଉଚିତ୍ ଆଗ୍ରହଗୁଡ଼ିକର ପରିପୂରଣ ଲାଗି ମଧ୍ୟ ଯଥେଷ୍ଟ ଅବସର ମିଳିବା ଆବଶ୍ୟକ । ସେ ଉଚିତ୍ ଓ ଭଲ ନାନା କାର୍ଯ୍ୟରେ ସର୍ବଦା ତତ୍ପର ରହିଥିବ । ସ୍ୱଚ୍ଛନ୍ଦରେ ବହିଯିବା ଲାଗି ତା'ରି ପ୍ରାଣଶକ୍ତିକୁ ଯଥେଷ୍ଟ ସୁସ୍ଥ ଅବସର ମଧ୍ୟ ମିଳୁଥିବ । ଶୁଭ ବାସନାଗୁଡ଼ିକ ଲାଗି ଯଥେଷ୍ଟ ଅବସର ମିଳିପାରିଲେ ଯେ ଅଶୁଭ ବାସନାଗୁଡ଼ିକ କ୍ରମେ କ୍ଷୀଣ ହୋଇ ଯାଇପାରିବ, ଉପନିଷଦରେ ମଧ୍ୟ ଆମକୁ ଏହିଭଳି ଏକ ସୂଚନା ମିଳିଥାଏ ।

ଅନୁଶାସନ ଭିତରେ ଏକ ବିପଦ ବି ରହିଚି । ଆପଣା ଅନୁଶାସନକୁ କେବଳ ଏକ ସାଧନ ରୂପେ ନରଖି ଯେତେବେଳେ ଆମେ ତାକୁ ଚରମ ସାଧ୍ୟ ରୂପେ ଗ୍ରହଣ କରିବସୁ, ବିପଦ ଆସି ଠିକ୍ ସେତିକିବେଳେ ପହଞ୍ଚେ । ଏଭଳି ସ୍ଥିତିରେ ଏକ ସଂହିତା, ଏକ ସୂତ୍ର ବା କେବଳ ଏକ System ହିଁ ମନୁଷ୍ୟଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଗୃହୀତ ହୁଏ । ଟୋପି ଆମ ମୁଣ୍ଡ ଅନୁସାରେ ତିଆରି ହେବ, ହୁଏତ ଏହା ହିଁ ଭଗବାନଙ୍କର ମତଲବ ଥିଲା । ମାତ୍ର ଆମର ତନ୍ତ୍ରଲୋଭୀ ବୁଦ୍ଧି ଆପଣା ଉଗ୍ରତାର ବଶବର୍ତ୍ତୀ ହୋଇ ବେଳେବେଳେ ବିଶ୍ୱାସ କରିବାକୁ ଆରମ୍ଭ କରେ ଯେ ସମ୍ଭବତଃ ଆମର ମୁଣ୍ଡଟା ହିଁ ହୁଏତ

ଟୋପିଲାଗି ତିଆରି ହୋଇଥିଲା । ସେତେବେଳେ ଅନୁଶାସନ ଶ୍ରଦ୍ଧାର ଏକ ସ୍ଥାନାପନ୍ନ ବା ପ୍ରତିସ୍ଥାପକ ପରି କାର୍ଯ୍ୟ କରିବାକୁ ଆରମ୍ଭ କରେ । ଆମଠାରେ ଶ୍ରଦ୍ଧାର ଅଭାବ ରହିଥାଏ, ଏବଂ ଆମେ ଅନୁଶାସନ ଦ୍ୱାରା ହିଁ ସେହି ଅଭାବଟି ପୂରଣ କରିବାର ଚେଷ୍ଟା କରିବାରେ ଲାଗିଯାଉ । ଶ୍ରୀଯୁକ୍ତ କୃଷ୍ଣମୂର୍ତ୍ତିଙ୍କ ଭାଷାରେ କହିଲେ ଆମର ହୃଦୟ ଶୂନ୍ୟ ପଡ଼ିଥାଏ, ଏବଂ ସେହି କାରଣରୁ ହିଁ ଆମେ ଅନୁଶାସନ ପ୍ରତି ଏତେ ଅନୁରକ୍ତ ବା ଆସକ୍ତ ହୋଇପଡୁ । ଆମେ ଶ୍ରଦ୍ଧାଉପରୁ ସକଳ ବିଶ୍ୱାସ ହରାଇ ବସିଥାଉ ଏବଂ ସେହି କାରଣରୁ ହିଁ ଅନୁଶାସନ ଉପରେ ନିର୍ଭର କରିବାକୁ ଆରମ୍ଭ କରୁ ।

ଶ୍ରଦ୍ଧାହୀନ ଅନୁଶାସନଦ୍ୱାରା ଛାତ୍ରମନରେ ରହିଥିବା ଭୟ ହୁଏତ ଦବି ରହିଯାଏ, ମାତ୍ର ଏହା ଛାତ୍ରକୁ କଦାପି ନିର୍ଭୟ କରିପାରେ ନାହିଁ । କେବଳ ଶ୍ରଦ୍ଧା ହିଁ ନିର୍ଭୟତା ଆଣି ଦେଇପାରେ । ଆମେ ଯେତେବେଳେ ଯଥାର୍ଥ ଶ୍ରଦ୍ଧା ଦେଖାଇବାର ଅଯୋଗ୍ୟ ହୋଇପଡୁ, ସେତିକିବେଳେ ହିଁ ଆମେ ଛାତ୍ରର ଜୀବନକୁ ଝାମ୍ପିନେବାକୁ ମନ ବଳାଉ । କେହି ଭୟ ଦେଖାଇ ଝାମ୍ପିନେବାକୁ ଆସେ, ପୁଣି କେହି ଛାତ୍ରକୁ ନିଜର ଅକ୍ତିଆର ବା କବଳ ଭିତରେ ରଖି ତାକୁ ଝାମ୍ପି ନେବାକୁ ଚେଷ୍ଟାକରେ । ଆମ ହାତରେ ବନ୍ଧା ହୋଇଥିବା ଘଡ଼ିକୁ ଆମେ ଭଲପାଉ । କାରଣ ଏଇଟି ଆମ ଅକ୍ତିଆରରେ ରହିଥାଏ । ମାଲିକ ବି ତା'ର କୁକୁରକୁ ସ୍ନେହ ଚକ୍ଷୁରେ ଦେଖିଥାଏ । କାରଣ କୁକୁର ତା'ର ବୋଲି ମାନିରହେ । ମାତ୍ର ଶିକ୍ଷାକ୍ଷେତ୍ରରେ ଶ୍ରଦ୍ଧାର ଆଲୋଚନା

କଲାବେଳେ ଆମକୁ ଏକ ଭିନ୍ନ ଅର୍ଥରେ ତାହାକୁ ବୁଝିବାକୁ ପଡ଼ିବ । ଏହି ଶ୍ରଦ୍ଧା ଉଭୟ ପକ୍ଷକୁ ନିର୍ଭୟ କରେ, ଏହି ଶ୍ରଦ୍ଧା କୌଣସି ପକ୍ଷକୁ ଗ୍ରାସ କରିବାକୁ ଇଚ୍ଛା କରେନାହିଁ । ଯେତେବେଳେ ଆମ ଛାତ୍ରମାନେ ଆମ ଆଦେଶଗୁଡ଼ିକୁ ପାଳନ କରିନିଅନ୍ତି, ସେତେବେଳେ ଆମର ଶ୍ରଦ୍ଧାହୀନ ଅନୁଶାସନ ପ୍ରିୟତା ହୁଏତ ପରମ ସନ୍ତୋଷ ଲାଭ କଲାପରି ଅନୁଭବ କରେ । ମାତ୍ର ଯେତେବେଳେ ଛାତ୍ର ଆତ୍ମସଂଯମ ବଳରେ ବିଶ୍ୱାସର ସହିତ ସ୍ୱକୀୟ ବିକାଶ ପଥରେ ବାଟ ଚାଲିବା ଲାଗି ଏକ ସ୍ୱାଭାବିକ ଆଗ୍ରହ ପ୍ରକଟ କରିବାକୁ ଲାଗେ, ସେତେବେଳେ ଆମର ଶ୍ରଦ୍ଧା ହିଁ ଜିତେ ଏବଂ ଆମ ଅନୁଶାସନର ଅଗ୍ନିପରୀକ୍ଷା ବି ହୋଇଯାଏ ।

**ପ୍ରଶ୍ନାବଳୀ :**

(କ) ଅନୁଶାସନ ପଛରେ କାହିଁକି ଏକ ସୁସ୍ଥ ଦର୍ଶନ ରହିବା ପ୍ରୟୋଜନ ?

(ଖ) ସୀମାତିରିକ୍ତ ଅନୁଶାସନ ଛାତ୍ରର କି ପ୍ରକାର କ୍ଷତି ଘଟାଇଥାଏ ?

(ଗ) ଶ୍ରଦ୍ଧାହୀନ ଅନୁଶାସନ ଦ୍ୱାରା ଛାତ୍ରର କେଉଁ କ୍ଷତି ସାଧିତ ହୁଏ ?

(ଘ) ସ୍ୱାଧୀନତାସହ ସଂଯମ କିପରି ଭାବେ ସଂପର୍କିତ ?

(ଙ) ଅନୁଶାସନ କିପରି ହେବା ଆବଶ୍ୟକ ?

9. ଓଡ଼ିଆରେ ଅନୁବାଦ କର : 30

Ahalya's day began with her cleaning the courtyard. Sweeping the large area every morning was no easy task. She would sweep the backyard with a broom of coconut spikes ; for sweeping the inside she used a broom made of soft grass and a separate broom was used for cleaning the puja room. Everything must be done properly, or else the old lady would throw a fit. Ahalya had to do all this by herself. She had become a machine, doing the same chores day after day. Cleaning the rooms would be followed by washing dishes heaped in a small mound. She would put the washed utensils in the kitchen and wipe them dry. After this, she would go to the cowshed and tend the cows. She would bring them out of the shed and tether them to a post outside, feed them straw, grass and the water from watered rice. After this, she would take a bath and gather flowers to be offered to the deities. Then she would light a fire in the kitchen and make tea in a kettle. By the time all this was done, the sun would rise and the family members would wake up one by one.

10. ନିମ୍ନ ପରିଚ୍ଛେଦଟିର ସାରାଂଶ ପ୍ରାୟ ଦୁଇଶହ ଶବ୍ଦ ମଧ୍ୟରେ ଲେଖ । ଏହା ଯଥାସମ୍ଭବ ନିଜ ଭାଷାରେ ଲେଖା ହେବା ଆବଶ୍ୟକ । ଲେଖା ଶେଷରେ ଏଥିରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ କରିବାକୁ ହେବ : 40

ଶିଶୁ ସାହିତ୍ୟ ତା'ର ପାଠକମାନଙ୍କୁ ଗଳ୍ପ, ଗୀତ ବା କବିତା ମାଧ୍ୟମରେ କୌଣସି ନା କୌଣସି ନୀତିମୂଳକ ବାଣୀ ପରିବେଷଣ କରିବା ଉଚିତ୍ ବା ଆବଶ୍ୟକ କି ? ଉଚିତ୍ କି ନୁହେଁ ଏବଂ ଆବଶ୍ୟକ କି ନୁହେଁ, ଏ ଦୁଇ ପ୍ରଶ୍ନ ଭିତରେ ଅର୍ଥଗତ ତାରତମ୍ୟ ବ୍ୟାପକ ।

ଶିଶୁ ସାହିତ୍ୟର ପରିସର ବ୍ୟାପକ । ଉନ୍ମେଷଶୀଳ ବାଳୁତଠାରୁ ଆରମ୍ଭ କରି ଉନ୍ମୁଖ କିଶୋର ପର୍ଯ୍ୟନ୍ତ, ବୟସଗତ ଜାଗୃତିର ଏ ସମସ୍ତ ସ୍ତରର ପାଠକ ଉଦ୍ଦେଶ୍ୟରେ ନିବେଦିତ ସାହିତ୍ୟକୁ ଆମେ ସଚରାଚର ଶିଶୁସାହିତ୍ୟ ବୋଲି କହିଥାଉଁ । ବହୁ ଲୋକକଥା-ବିଶେଷଜ୍ଞଙ୍କ ମତରେ ଭାରତ ବର୍ଷ ହିଁ କଥା ଓ କାହାଣୀର ସୃଜନ-ଭୂମି । ଜୋସେଫ ଜ୍ୟାକୋବଙ୍କ ଭଳି ବିଦ୍ୱାନମାନେ ଏ ମତର ସମର୍ଥନ କରିବାକୁ ଗଲାବେଳେ ଯଥେଷ୍ଟ ସତର୍କ ହେବା ସତ୍ତ୍ୱେ ସ୍ୱୀକାର କରନ୍ତି, ସମଗ୍ର ପୃଥିବୀର ଲୋକ କାହାଣୀର ଅନ୍ତତଃ ଏକ ତୃତୀୟାଂଶ ଭାରତ ଭୂମିରେ ସୃଷ୍ଟ । ଅନ୍ତତଃ କହିବାବେଳେ ସେ ଦିଗରେ ଭାରତର ଅବଦାନ ଆହୁରି ଅଧିକ ହୋଇଥିବାର ସମ୍ଭାବନାର ସୂଚନା ସେମାନେ ଦିଅନ୍ତି — କହିବା ବାହୁଲ୍ୟ ।

ଭାରତ-ସମ୍ଭୂତ ଏହି ବିପୁଳ ଲୋକ କାହାଣୀମାଳାର ଅନ୍ତର୍ଭୁକ୍ତ ଅସଂଖ୍ୟ ଶିଶୁ-କାହାଣୀ । 'ଧୋ'ରେ ବାୟା ଧୋ' ଗୀତଠୁଁ ଆରମ୍ଭ କରି ପଞ୍ଚତନ୍ତ୍ରର ଗଳ୍ପ ସମ୍ପଦ ପର୍ଯ୍ୟନ୍ତ ଏ ପର୍ଯ୍ୟାୟର ସମଗ୍ର ସାହିତ୍ୟପ୍ରତି ଆଜିର ଉପରୋକ୍ତ ପ୍ରଶ୍ନଟି ନିକ୍ଷେପ କରି ଆମେ ଗୋଟାଏ ଉତ୍ତରରେ ପହଞ୍ଚିବୁ, ଏଭଳି ଆଶା ଅବାସ୍ତବ । ଶିଶୁର ଚିନ୍ତାକୁ କ୍ରିୟାଶୀଳ କରିବା ''ଧୋ'ରେ ବାୟା ଧୋ'ର ଉଦ୍ଦେଶ୍ୟ ନୁହେଁ ; ତା'ର ବିକ୍ଷିପ୍ତ ଧ୍ୟାନକୁ ସରଳ ସୁଗମ ଶବ୍ଦ, ଧ୍ୱନି, ଛନ୍ଦ ଓ ତାଳ ସମାବେଶ ଭିତରେ ଆଣି ଏକାଗ୍ର କରିବା ଏବଂ ତା' ଚିନ୍ତାକୁ ନୀରବ କରି ତାକୁ ସୁପ୍ତି ଭିତରକୁ ନେଇଯିବା ଏହାର ଉଦ୍ଦେଶ୍ୟ । ଅନ୍ୟ ପକ୍ଷରେ, କେତୋଟି ତରୁଣ ରାଜକୁମାରଙ୍କ ବେପରୁଆ, ନିଶ୍ଚିନ୍ତ ମନକୁ ଯଥାର୍ଥ ଚିନ୍ତା ଯୋଗେଇଦେବା, ସେମାନଙ୍କ ମତିକୁ ସକ୍ରିୟ କରିବା ପଞ୍ଚତନ୍ତ୍ରର ଆଭିମୁଖ୍ୟ ।

ଶିଶୁ ସାହିତ୍ୟ ଭଳି ଏକ ଯୁଗ୍ମ ଶବ୍ଦର ବୈଚିତ୍ର୍ୟ ଦିଗରେ ମୁଁ ଏତକ କହିବାର ଆବଶ୍ୟକତା କ'ଣ, ସେ ସଂପର୍କରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଆପଣ ଧାରଣା କରିସାରିବେଣି । ଆପଣମାନେ ଉଠାଇଥିବା ପ୍ରଶ୍ନଟି ବାସ୍ତବରେ ଉପରୋକ୍ତ ଦୁଇ ବୟଃ ବିନ୍ଦୁର ମଧ୍ୟବର୍ତ୍ତୀ ପର୍ଯ୍ୟାୟର ଶିଶୁମାନଙ୍କ ପ୍ରତି ହିଁ ପ୍ରଯୁଜ୍ୟ, ସେତକ ଦର୍ଶାଇବା ମୋର ଏ ଭୂମିକାର ଆଭିମୁଖ୍ୟ ।

ପ୍ରଶ୍ନଟିର ଉତ୍ତର ଯେତିକି ସହଜ, ସେତିକି ଜଟିଳ । ଏ ଭଳି ଏକ ବିରୋଧାତ୍ମକ ଉକ୍ତିର ଯଥାର୍ଥ୍ୟ ରହିଛି । କାହିଁକି ସରଳ, ସେତକ ସ୍ପଷ୍ଟ

କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଗୋଟାଏ ପ୍ରଶ୍ନ କରିବି : ଆପଣମାନେ କେହିହେଲେ ଆପଣାର ଶିଶୁକୁ ଗୋଟାଏ ଅସଭ୍ୟ, ଭୟଙ୍କର ବା ବର୍ବର ଦୃଶ୍ୟ ଦେଖାଇବାକୁ ଆଗ୍ରହୀ ହେବେ କି ? ଅଥବା କୌଣସି ଭୀଷଣ, ପ୍ରଚଣ୍ଡ ଶବ୍ଦ ଶୁଣାଇ ଭୟଭୀତ କରାଇବାକୁ ମନ ବଳାଇବେ କି ? ନା । ଆପଣ ତାକୁ ସୁନ୍ଦର, ମନୋରମ ଦୃଶ୍ୟ ଦେଖାଇବେ ; ମଧୁର ଶବ୍ଦ, ମଧୁର ଭାଷା ପ୍ରତି ତା'ର ଶ୍ରୁତିକୁ ଅଭ୍ୟସ୍ତ କରିବାର ପକ୍ଷପାତୀ ହେବେ ।

ଏକ ହିଁ ନିୟମ ଶିଶୁ ସାହିତ୍ୟ ପ୍ରତି ପ୍ରଯୁଜ୍ୟ । ଶିଶୁ ଚେତନାର ଗଠନଶୀଳ, ବିକାଶମାନ ପର୍ଯ୍ୟାୟରେ ତା'ଭିତରେ ଯେପରି ମାନବ ଜାତି, ମାନବତା ପ୍ରତି ଆସ୍ଥା ଓ ବିଶ୍ୱାସ ବଳବତ୍ତର ହେବ ; ସ୍ନେହ, ପ୍ରୀତି, ତ୍ୟାଗ ଓ ସତ୍‌ସାହସ ଭଳି ମହତ୍ତର ଗୁଣ ପ୍ରତି ସମ୍ମାନ ବଢ଼ିବ, ସେହିଭଳି ସାହିତ୍ୟ ପ୍ରତି ତା'ର ଦୃଷ୍ଟି ଆମେ ଆକର୍ଷଣ କରିବା ଉଚିତ୍ । ଭବିଷ୍ୟତରେ ଅବଶ୍ୟ ସେ ପୃଥିବୀର ଅନ୍ଧକାର ଦିଗ ସଂପର୍କରେ ଚେତିବ, ହୁଏ ତ ଜଣେ ପୁଲିସ କର୍ମଚାରୀ ରୂପେ କିମ୍ବା ସୈନିକ ରୂପେ ବହୁ ମର୍ମନ୍ତୁଦ ବା ବର୍ବର ବ୍ୟାପାର ସହିତ ତା'ର ପରିଚୟ ଘଟିବ, କିନ୍ତୁ ସେତେବେଳକୁ ତା'ର ଚେତନା ବଳିଷ୍ଠ ହୋଇସାରିଥିବ । ଚେତନାର ସୁଗଠିତ, ବଳିଷ୍ଠ ଅବସ୍ଥାରେ ଯେଉଁସବୁ ଘଟଣା-ଦୁର୍ଘଟଣା ଅଭିଜ୍ଞତା ମାତ୍ର, ଶିଶୁ ଚେତନାର ବିକାଶମାନ ଆବସ୍ଥାରେ ସେହିସବୁ ଘଟଣା ଦୁର୍ଘଟଣା ଭୟାବହ ଧକ୍କା ରୂପେ ଚେତନାକୁ ବିକଳ କରିଦେଇ ପାରନ୍ତି । କେହି କେହି ଯୁକ୍ତି କରନ୍ତି, ଶିଶୁ ପ୍ରଥମରୁ ହିଁ ଜୀବନର

ନିର୍ମମ ବାସ୍ତବତା ପ୍ରତି ସଜାଗ ରହିବା ଉଚିତ୍ । ଭୀଷଣ, ଭୟଙ୍କର ଦୃଶ୍ୟ ଦେଖିଲେ ସେସବୁ ତାକୁ ଭବିଷ୍ୟତରେ ମୁହ୍ୟମାନ କରିବେ ନାହିଁ ।

ଏଭଳି ଯୁକ୍ତିରେ ସାମାନ୍ୟ ସତ୍ୟ ଥାଇପାରେ, କିନ୍ତୁ ଶିଶୁ-ମନର ମହତ୍ତର ଦିଗକୁ ଏ ଯୁକ୍ତି ଏଡ଼ାଇ ଯାଉଛି । ଭୀଷଣତା, ନିର୍ମମତା, ଭୟଙ୍କରତା, ବର୍ବରତା-ଏସବୁ ହିଁ ଜୀବନର ସ୍ୱାଭାବିକ ଅବସ୍ଥା, ଶିଶୁ ଏଇ ଧାରଣା ନେଇ ବଡ଼ ମଣିଷ ହେଉ ବୋଲି ଆମେ ଇଚ୍ଛା କରିବା ନା ଜୀବନରେ ଏସବୁ ଦୁଃଖଦାୟକ ଘଟଣା ସାମ୍ନା କଲେ ସେ ଏସବୁକୁ ବ୍ୟତିକ୍ରମ ଭାବରେ ଗ୍ରହଣ କରି ସତ୍ୟ ଏବଂ ସୁନ୍ଦରର ସନ୍ଧାନ ଅବ୍ୟାହତ ରଖିବ ବୋଲି ଆମେ ଇଚ୍ଛା କରିବା ?

ସୂକ୍ଷ୍ମତର ସ୍ତରରେ ଉପରୋକ୍ତ ଯୁକ୍ତି-ନିର୍ଗତ ମନୋଭାବ ଆହୁରି ଅଧିକ ଅନିଷ୍ଟ ଘଟାଇପାରେ । ଜୀବନର ମହତ୍ତର ସମ୍ଭାବନା ଉପରୁ ଯଦି ଶିଶୁର ଆସ୍ଥା ତୁଟିଯିବ, ତେବେ ସେ ଅଜାତରେ ବୀଭତ୍ସ ଏବଂ ଭୟଙ୍କରକୁ ଆଦରିନେବ । ତା'ର ସେଭଳି ଭବିତବ୍ୟ ନିଶ୍ଚୟ କାହାରି କାମ୍ୟ ନୁହେଁ ।

ବର୍ତ୍ତମାନ ପୂର୍ବୋକ୍ତ ଉତ୍ତରର ଜଟିଳ ଦିଗକୁ ଆସିବା । ଶିଶୁକୁ ମହତ୍ତର ଭାବ ପ୍ରତି ଉନ୍ମୁଖ କରିବାର ଅର୍ଥ ତା'ଉପରେ ନୀତିକଥା ଚପାଇ ଦେବା ନୁହେଁ । ଆମକୁ ମନେ ରଖିବାକୁ ହେବ ଯେ ଭଲମନ୍ଦ ଉତ୍ତମ ଅଧମ ଭିତରର ପାର୍ଥକ୍ୟ ବାରିପାରିବାର ସହଜାତ ଗୁଣ ଶିଶୁର

ଚେତନାରେ ନିହିତ ଥାଏ । ସେ ଗୁଣ କେହି ରୋପଣ କରିପାରିବ ନାହିଁ । ତାହା ଥାଏ ବୋଲି ହିଁ ତା'ର ବିକାଶ ଦିଗରେ ଆମେ ସହାୟତା କରିପାରୁଁ ।

ସାଧାରଣ ଓ ସ୍ୱାଭାବିକ ପରିବେଶରେ ଶିଶୁଟିଏ ସ୍ନେହ ଶ୍ରଦ୍ଧା ଭିତରେ ବଢ଼ିଥାଏ । ମା'ର ସ୍ନେହକୁ ସେ ହେତୁବୋଧଦ୍ୱାରା ବିଚାର କରେ ନାହିଁ, ତାକୁ ସେ ସ୍ୱାଭାବିକ ବୋଲି ଧରିନିଏ । ସେଥିପାଇଁ ପରୀକାହାଣୀ-ବିବୃତ ଘଟଣାକୁ ତଉଲେ ନାହିଁ ବୋଲି ତା'ର ମାଧୁର୍ଯ୍ୟକୁ ହେତୁବାଦୀ ବଡ଼ ମଣିଷ ତୁଳନାରେ ସେ ଅଧିକ ମାତ୍ରାରେ ଉପଭୋଗ କରିପାରେ । କିନ୍ତୁ ହେତୁବୋଧର ବିକାଶ ମଧ୍ୟ ତାହା ଭିତରେ ହେଉଥାଏ । ସେ ବିକାଶ ପ୍ରକ୍ରିୟାକୁ ଯଦି ଉଦାର ଭାବଧାରା ଦ୍ୱାରା ସାହାଯ୍ୟ କରାଯାଇ ପାରିବ, ତେବେ ଶିଶୁର ସଂବେଦନ ଶକ୍ତି, ସହନ ଶକ୍ତି ପ୍ରସାରିତ ହେବ । କହିବା ବାହୁଲ୍ୟ, ଜଣକର ଦୃଷ୍ଟିକୋଣ ଯେତେ ପ୍ରସାରିତ ହୋଇଥାଏ, ପୃଥିବୀର ସଂଘର୍ଷ ସମସ୍ୟା ତାକୁ ସେତିକି ମାତ୍ରାରେ କମ୍ ବିଚଳିତ ବା ବିବ୍ରତ କରେ । ଗୋଟାଏ କାହାଣୀର ଦୃଷ୍ଟାନ୍ତ ଦେଉଛି :

ଜଣେ ଥିଲେ ରାଜା, ସୁଶାସକ ତଥା ସୁଗୁଣ-ସଂପନ୍ନ । କିନ୍ତୁ ତାଙ୍କର ଦୁର୍ବଳତା ହେଲା, ନିଜର ଦାର୍ଶନିକତା ବା ତତ୍ତ୍ୱଜ୍ଞାନକୁ ହିଁ ସେ ଏକମାତ୍ର ସତ୍ୟ ବୋଲି ଧରିନେଇଥିଲେ । ଦିନେ ସେ ଖବର ପାଇଲେ, ତାଙ୍କ ରାଜ୍ୟର ଏକ ଦୂର ପ୍ରାନ୍ତରେ ଆସି ବସବାସ କରୁଛନ୍ତି ଏପରି ଜଣେ ସନ୍ଥ, ଭଗବାନଙ୍କ ସଂପର୍କରେ ଯାହାଙ୍କ ମତ ତାଙ୍କ ମତଠାରୁ ପୃଥକ୍ ।

କ୍ଷୁବ୍ଧ ହେଲେ ରାଜା । ସନ୍ଥଙ୍କୁ ରାଜ ସଭାକୁ ତଲବ୍ କରାଗଲା । ସେ ହାଜର ହୁଅନ୍ତେ ରାଜା କଠୋର କଣ୍ଠରେ ତାଙ୍କୁ ପ୍ରଶ୍ନ କଲେ, ''ଭଗବାନଙ୍କ ସଂପର୍କରେ ମୁଁ ଓ ମୋ ପ୍ରଜାମାନେ ଯେଉଁ ମତ ପୋଷଣ କରିଆସିଛୁଁ, ତମେ ତାହାଠୁଁ ଭିନ୍ନ ମତ ପୋଷଣ କରୁଛ । ମୋ ଦୃଷ୍ଟିକୋଣରୁ ତାହା ଅସତ୍ୟ । କଣ କୈଫିୟତ ଦେବ ? ସନ୍ଥ କହିଲେ, ''ମହାରାଜ ! ଆପଣଙ୍କର ଏ ଅତ୍ୟନ୍ତ ଗୁରୁ ପ୍ରଶ୍ନର ଉତ୍ତର ମୁଁ ଦେବି । କିନ୍ତୁ ତହିଁ ପୂର୍ବରୁ ମୋର ଏକ ଲଘୁ ପ୍ରଶ୍ନର ଉତ୍ତର ଆପଣ ଏବଂ ଆପଣଙ୍କର ଚାରି ବିଜ୍ଞ ମନ୍ତ୍ରୀ ଦେବାକୁ ସମ୍ମତ ହେବେ କି ? ରାଜା ସମ୍ମତି ଦେଲେ । ସନ୍ଥ ପ୍ରଶ୍ନଟିଏ ପାଞ୍ଚଖଣ୍ଡି କାଗଜରେ ଲେଖି ପାଞ୍ଚଜଣଙ୍କ ହାତକୁ ବଢ଼ାଇଦେଲେ ଏବଂ ପ୍ରତ୍ୟେକେ ନିଜ ନିଜ ଉତ୍ତର ପ୍ରଶ୍ନଟି ତଳେ ଲେଖିଦେବାକୁ ଅନୁରୋଧ କଲେ । ନୀରବରେ ଏବଂ ଅବିଳମ୍ବେ ସମସ୍ତେ ଉତ୍ତର ଲେଖିଦେଲେ । କାଗଜଖଣ୍ଡମାନ ହାତକୁ ଆଣି ସନ୍ଥ ଏକ ପରେ ଏକ ଉତ୍ତର ପାଠକଲେ । ପ୍ରଶ୍ନଟି ଥିଲା, ''ମାଟି କ'ଣ ?'' ରାଜା ଲେଖିଥିଲେ, ''ମାଟି ହେଲା ଧରିତ୍ରୀର କଳେବର ।'' ପ୍ରଧାନ ମନ୍ତ୍ରୀ ଲେଖିଥିଲେ, ''ମୃତ୍ୟୁପରେ ଯେଉଁଥିରେ ଏକାକାର ହୋଇଯିବ ଆମ ଦେହ ।'' ଦ୍ୱିତୀୟ ମନ୍ତ୍ରୀ ଲେଖିଥିଲେ, ''ଆମକୁ ଫସଲ ଯୋଗାଏ ଯିଏ ।'' ତୃତୀୟ ମନ୍ତ୍ରୀଙ୍କ ଉତ୍ତର, ''ଜଳଠୁଁ ସ୍ୱତନ୍ତ୍ର ପୃଥିବୀର ଯେଉଁ ଉପାଦାନ '' ଚତୁର୍ଥ ମନ୍ତ୍ରୀ ''ମାଟି ହିଁ ପ୍ରାଣର ଆଧାର'' ।

ପାଞ୍ଚୋଟିଯାକ ଉତ୍ତର ପଢ଼ିସାରି ସନ୍ଥ ରାଜାଙ୍କୁ କହିଲେ, ''ମହାରାଜ ! ଆପଣ ଏବଂ ଆପଣଙ୍କ ମନ୍ତ୍ରୀବର୍ଗ ଅସଂଖ୍ୟ ବିଷୟ

ଉପରେ ଆଲୋଚନା କରନ୍ତି ଏବଂ ଏକମତ ହୁଅନ୍ତି । ସେ ସବୁର ଅନ୍ତର୍ଭୁକ୍ତ ବହୁ ଜଟିଳ ପ୍ରଶ୍ନ । ମାଟି କ'ଣ-ଏଭଳି ଏକ ମାମୁଲି ପ୍ରଶ୍ନ ଉପରେ ଯଦି ପାଞ୍ଚଜଣଙ୍କର ଉତ୍ତର ପାଞ୍ଚ ପ୍ରକାର ହୁଏ, ତେବେ ଭଗବାନ କ'ଣ ଭଳି ପରମ ପ୍ରଶ୍ନଉପରେ ଆପଣଙ୍କ ଉତ୍ତର ଏବଂ ମୋ ଉତ୍ତର ଏକା ନ ହେବାର ବିସ୍ମୟ କ'ଣ ? ଆହୁରି ପ୍ରାସଙ୍ଗିକ ପ୍ରଶ୍ନ ହେଲା, ମାଟି କ'ଣ ପ୍ରଶ୍ନର ଉତ୍ତରରେ ଦିଆଯାଇଥିବା ପାଞ୍ଚଗୋଟିଯାକ ବିବୃତିରୁ କୌଣସି ଗୋଟାଏ ଭୁଲ୍‌ବୋଲି ଆପଣ କହିପାରିବେ କି ? ପ୍ରତ୍ୟେକ ଉତ୍ତର ଏକ ଏକ ସତ୍ୟ । ସେହିପରି ଭଗବାନଙ୍କ ସଂପର୍କରେ ଆପଣଙ୍କର ମତ ଏବଂ ମୋ ମତ ପ୍ରତ୍ୟେକେ ଏକ ଏକ ସତ୍ୟ-ଭିନ୍ନତା ମାନେ ହିଁ ଅସତ୍ୟ ନୁହେଁ ।